# NATIONAL NEWS BULLETIN (ODIA)

## 27 August - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ରୁଷ-ୟୁକ୍ରେନ୍ ବିବାଦ ଉପରେ ରୁଷ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କାର୍ଯ୍ୟସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ପାଇଁ ସୁପ୍ରିମ୍‌କୋର୍ଟ୍‌ଙ୍କ ଦ୍ୱାରା ଗଠିତ ଜାତୀୟ ଟାସ୍କ ଫୋର୍ସ୍‌ର ପ୍ରଥମ ବୈଠକ ଅନୁଷ୍ଠିତ ।

– ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ କୋଲକତାରେ ଆନ୍ଦୋଳନରତ ଛାତ୍ର ଏବଂ ପୁଲିସ୍ ମୁହାଁମୁହିଁ, ବିଜେପି ପକ୍ଷରୁ ଆସନ୍ତାକାଲି ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ ଡାକରା ।

- ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ବିହାର ଏବଂ ଓଡ଼ିଶାରୁ ରାଜ୍ୟସଭାକୁ ୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ।

ଏବଂ

- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷିତ ।

# ପିଏମ୍‌-ପୁଟିନ୍ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ-ୟୁକ୍ରେନ୍ ବିବାଦ ଉପରେ ଆଜି ରୁଷ ରାଷ୍ଟ୍ରପତି ଭ୍ଲାଦିମୀର୍ ପୁଟିନ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେ ପୁଟିନ୍‌ଙ୍କ ସହ ଦୁଇ ଦେଶ ମଧ୍ୟରେ ଉପୁଜି ଥିବା ବିବାଦ ଉପରେ ଆଲୋଚନା କରିଛନ୍ତି । ଏକ ସ୍ୱତନ୍ତ୍ର ଏବଂ ବିଶେଷ ଅଧିକାରପ୍ରାପ୍ତ ରଣନୈତିକ ଭାଗିଦାରୀକୁ ଅଧିକ ମଜବୁତ କରିବାପାଇଁ ପଦକ୍ଷେପ ନେବା ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ନିକଟରେ ୟୁକ୍ରେନ୍ ଗସ୍ତରୁ ସେ ତାଙ୍କର ଅନୁଭୂତି ବାଣ୍ଟିଛନ୍ତି । ଏହି ବିବାଦର ଶୀଘ୍ର, ସ୍ଥାୟୀ ଏବଂ ଶାନ୍ତିପୂର୍ଣ୍ଣ ସମାଧାନକୁ ସମର୍ଥନ କରିବା ଲାଗି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ମଧ୍ୟ ସେ ପୁଟିନ୍‌ଙ୍କ ସହ ଏହି ଆଲୋଚନାକାଳରେ ଦୋହରାଇଥିବା ମୋଦୀ କହିଛନ୍ତି ।

# ଟାକ୍ସ ଫୋର୍ସ ମିଟିଂ

କାର୍ଯ୍ୟ ସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପ୍ରସ୍ତାବ ସୁପାରିଶ ପାଇଁ ସୁପ୍ରିମ୍‌କୋର୍ଟଙ୍କ୍ ଦ୍ୱାରା ଗଠିତ ଜାତୀୟ ଟାକ୍ସ ଫୋର୍ସ୍‌ର ପ୍ରଥମ ବୈଠକ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଯାଇଛି । କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଗୃହ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଟାକ୍ସଫୋର୍ସ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ସଦସ୍ୟମାନେ ସେମାନଙ୍କର  ସୁଚିନ୍ତିତ ପରାମର୍ଶ ରଖିଥିଲେ । ଏହି ପ୍ରସଙ୍ଗରେ ସାରା ଦେଶରୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଅଂଶିଦାରଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ୱେବ୍‌ସାଇଟ୍‌ରେ 'ଏନ୍.ଟି.ଏଫ୍.କୁ ପରାମର୍ଶ' – ଶୀର୍ଷକରେ ଏକ ଜାତୀୟ ପୋର୍ଟାଲ୍ ଖୋଲିଛି । ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟ ଗୁଡ଼ିକୁ ଅନୁରୋଧ କରିଛି । ଜାତୀୟ ଟାସ୍କ ଫୋର୍ସ୍‌ର ସଦସ୍ୟମାନଙ୍କ ଅଧିକ ବିଚାର ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରମୁଖ ଅଂଶିଦାରଙ୍କ ପରାମର୍ଶ ଏବଂ ପୋର୍ଟାଲ୍‌ରେ ଗ୍ରହଣ ହୋଇଥିବା ପରାମର୍ଶକୁ ଏକତ୍ର କରାଯିବ । ଏହା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏବଂ ଟାକ୍ସଫୋର୍ସ୍‌ର ସଦସ୍ୟମାନେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକ ସହ ଜଡ଼ିତ ବିଭିନ୍ନ

ଅଂଶିଦାରଙ୍କ ସହ ବ୍ୟାପକ ପରାମର୍ଶ କରିବେ । ଆଜିର ବୈଠକରେ ଟାକ୍ସଫୋର୍ସ୍‌ର ସଦସ୍ୟମାନେ  ଦର୍ଶାଇଥିଲେ ଯେ ବିଭିନ୍ନ ଅଂଶିଦାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଡାକ୍ତରୀ ବୃତ୍ତିଧାରୀଙ୍କ ସୁରକ୍ଷା ସମ୍ପର୍କରେ ସେମାନଙ୍କ ସହ ସିଧାସଳଖ ଯୋଗାଯୋଗ କରାଯାଇଛି ଏବଂ ବ୍ୟକ୍ତିଗତ ଭାବେ ପ୍ରାୟ ୪୦୦ ପରାମର୍ଶ ମିଳିଛି । ସ୍ୱଳ୍ପକାଳୀନ ଚିକିତ୍ସା ପେଷାଦରଙ୍କ ସୁରକ୍ଷା ସମ୍ବନ୍ଧୀୟ ପଦକ୍ଷେପ ଉପରେ ଆଲୋଚନା କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ୍ ଡିଜି ମାନଙ୍କ ସହିତ ଆସନ୍ତାକାଲି ଭିଡ଼ିଓ ଆଭାସୀ ଜରିଆରେ ମଧ୍ୟ ଏକ ବୈଠକ ରଖାଯାଇଛି । ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ମିଳିତ ଭାବେ ଅଧ୍ୟକ୍ଷତା କରିବେ ।

## ୱେଷ୍ଟବେଙ୍ଗଲ-ଷ୍ଟୁଡେଣ୍ଟ ରାଲି

ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଶୋଭାଯାତ୍ରା ବେଳେ ଆଜି କୋଲକାତାରେ ପୁଲିସ୍ ଓ ଛାତ୍ର ସଂଗଠନ ମଧ୍ୟରେ ସଂଘର୍ଷ ଘଟିଛି । ଆଇନ୍‌ଗତ ବାରଣ ସତ୍ତ୍ୱେ ରାଜ୍ୟ ସଚିବାଳୟ ଆଡ଼କୁ ଯାଉଥିବା ଛାତ୍ର ସଂଗଠନ ଗୁଡ଼ିକର ବିକ୍ଷୋଭ ଶୋଭାଯାତ୍ରାକୁ ଅଟକାଇବାକୁ ଯାଇ ପୁଲିସ୍‌କୁ ଲାଠି ଚାର୍ଜ କରିବାକୁ ପଡ଼ିଛି । ହାଓଡ଼ା ପୋଲ, ଫୋର୍‌ସୋର୍ ରୋଡ୍ ଏବଂ ଶାନ୍ତ୍ରାଗାଛିରେ ପୁଲିସ୍ ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ

ଲାଠି ଚାର୍ଜ ଏବଂ ପାଣିମାଡ଼ କରିଥିଲା । ଭିଡ଼ ଅଟକାଇବା ପାଇଁ ବିଭିନ୍ନ ସ୍ଥାନରେ କରାଯାଇଥିବା ବ୍ୟାରିକେଡ୍ ଗୁଡ଼ିକୁ ବିକ୍ଷୋଭକାରୀମାନେ ଭାଙ୍ଗି ଦେଇଛନ୍ତି । ପଶ୍ଚିମବଙ୍ଗ ଛାତ୍ର ସମାଜ ଏବଂ ସଂଗ୍ରାମ ଯୁଥା ମଞ୍ଚର ଡାକରାରେ ଆଜି ବିଭିନ୍ନ ଛାତ୍ର ସଂଗଠନ ଏକଜୁଟ୍ ହୋଇ ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଗିରଫ୍ ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରି ରାଜ୍ୟ ସଚିବାଳୟ ନବାନ୍ନ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ ।

ଅନ୍ୟ ପକ୍ଷରେ ଛାତ୍ର ବିକ୍ଷୋଭରେ ଅଂଶଗ୍ରହଣକାରୀଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଭାରତୀୟ ଜନତା ପାର୍ଟି ଆସନ୍ତାକାଲି ସକାଳ ୬ଟାରୁ ପଶ୍ଚିମବଙ୍ଗରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ପଶ୍ଚିମବଙ୍ଗ ବିଜେପିର ସଭାପତି ସୁକାନ୍ତ ମଜୁମ୍‌ଦାର ଏହି ଘୋଷଣା କରିବା ସହ ଧର୍ମଘଟରେ ସାମିଲ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ଇଣ୍ଡିଆ-ବ୍ରାଜିଲ୍ ମିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବ୍ରାଜିଲ୍‌ର ଜି-୨୦ ଅଧ୍ୟକ୍ଷତା ପାଇଁ ଭାରତର ପୂର୍ଣ୍ଣ ସମର୍ଥନକୁ ଦୋହରାଇଛନ୍ତି । ଆଜି ଦିଲ୍ଲୀରେ ନବମ ଭାରତ-ବ୍ରାଜିଲ୍ ଯୁଗ୍ମ ଆୟୋଗ ବୈଠକରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର ଏକ ନ୍ୟାୟ ସଂହତ ବିଶ୍ୱ ଏବଂ ସ୍ଥାୟୀ ଗ୍ରହ

ନିର୍ମାଣ ଉପରେ କେନ୍ଦ୍ରୀତ ବ୍ରାଜିଲ୍‌ର ଅନନ୍ୟ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଭାରତ ଏବଂ ବ୍ରାଜିଲ୍ ମଧ୍ୟରେ ୨୦୦୬ ମସିହାରେ ସ୍ଥାପିତ ରଣନୈତିକ ଭାଗିଦାରୀ ବିଗତ ବର୍ଷ ଗୁଡ଼ିକରେ ବିବିଧ ରୂପ ନେଇଛି । ବ୍ରାଜିଲ୍ ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ବର୍ତ୍ତମାନ ପ୍ରତିରକ୍ଷା, ମହାକାଶ, ସାଇବର ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ ସମେତ ବିଭିନ୍ନ କ୍ଷେତ୍ରରେ ପରିବ୍ୟାପ୍ତ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ବିହାର-ଓଡ଼ିଶା-ରାଜ୍ୟସଭା

ବିହାରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶୱାହା ଏବଂ ବିଜେପି ପ୍ରାର୍ଥୀ ମନନ କୁମାର ମିଶ୍ର ଆଜି ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ଦୁଇଟି ଆସନରେ ଉପନିର୍ବାଚନ ପାଇଁ କେବଳ ଦୁଇଟି ନାମାଙ୍କନ ଦାଖଲ ହୋଇଥିଲା । ଆଜି ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନରେ  କୌଣସି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନଥିଲେ । ଶ୍ରୀ କୁଶୱାହା ଲୋକମୋର୍ଚ୍ଚା – ଆର୍.ଏଲ୍.ଏମ୍.ର ସଭାପତି ଏବଂ ତାଙ୍କ ଦଳ ଏନ୍.ଡି.ଏ.ରେ ସଦସ୍ୟ ଥିବାରୁ ବିଜେପି ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିଥିଲା । ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସଭାପତି ତଥାପି ବରିଷ୍ଠ ଆଇନ୍‌ଜୀବୀ ମନନ କୁମାର ମିଶ୍ରଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳର ନେତୃତ୍ୱ ନିଷ୍ପତ୍ତି ନେଇଥିଲେ ।

ଅନ୍ୟ ପକ୍ଷରେ ଓଡ଼ିଶାରେ ବିଜେପିର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ମମତା ମହାନ୍ତ ରାଜ୍ୟସଭାକୁ ପୁଣିଥରେ ନିର୍ବାଚିତ ହୋଇଛନ୍ତି । ରାଜ୍ୟସଭା ସଦସ୍ୟ ପଦରୁ ଏବଂ ବିଜୁ ଜନତା ଦଳରୁ ମମତା ମହାନ୍ତ ଇସ୍ତଫା ଦେବା ପରେ ଓଡ଼ିଶାର ଏହି ଆସନଟି ଖାଲି ପଡ଼ିଥିଲା । ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ମମତା ମହାନ୍ତ ଏବଂ ଜଗନ୍ନାଥ ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଆଜି ଜଗନ୍ନାଥ ପ୍ରଧାନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ମମତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

## ବିଜେପି-ଥାର୍ଡ୍ ଲିଷ୍ଟ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ଆଜି ତାର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦଳ ପକ୍ଷରୁ ନଗରୋଟା ଆସନରୁ ଦେବୀନ୍ଦର ସିଂହ ରାଣା, ଉଧମପୁର ପଶ୍ଚିମ ଆସନରୁ ପବନ ଗୁପ୍ତା, ପୁଞ୍ଚ୍-ହାବେଲି ଆସନରୁ ଚୌଧୁରୀ ଅବଦୁଲ୍ ଘନି ଏବଂ ମାତା ବୈଷ୍ଣୋଦେବୀ ଆସନରୁ ବଳଦେବ ରାଜ ଶର୍ମାଙ୍କୁ ଦଳ ପ୍ରାର୍ଥୀ କରିଛି । ମନୋନୀତ ପ୍ରାର୍ଥୀ ତାଲିକାକୁ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ଅନୁମୋଦନ ଦେଇଛି ।

## ହରିଆନା-ଆଲିଏନ୍ସ

ଆଗାମୀ ହରିଆନା ବିଧାନସଭା ନିର୍ବାଚନ ପାଇଁ ଜନନାୟକ ଜନତା ପାର୍ଟି – ଜେ.ଜେ.ପି. ଏବଂ କାଂଶୀରାମଙ୍କ ଆଜାଦ୍ ସମାଜ ପାର୍ଟି – ଏ.ଏସ୍.ପି. ମେଣ୍ଟ କରିଛନ୍ତି । ଜେ.ଜେ.ପି. ନେତା ଦୁଶ୍ୟନ୍ତ ସିଂହ ଚୌଟାଲା ଏବଂ ଏ.ଏସ୍.ପି. ସଭାପତି ଚନ୍ଦ୍ରଶେଖର ଆଜାଦ୍ ଆଜି ନୂଆଦିଲ୍ଲୀରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି । ହରିଆନାର ସମସ୍ତ ୯୦ଟି ବିଧାନସଭା ଆସନରେ ଏହି ମେଣ୍ଟ ପ୍ରତିଦ୍ୱନ୍ଦ୍ୱିତା କରିବ । ଏଥିରେ ଜେ.ଜେ.ପି. ୭୦ଟି ଆସନରେ ଏବଂ ଏ.ଏସ୍.ପି. ୨୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଦୁଇ ଦଳ ପକ୍ଷରୁ ମିଳିତ ଭାବେ କୁହାଯାଇଛି ।

ସୂଚନା ଯୋଗ୍ୟ ଆସନ୍ତା ଅକ୍ଟୋବର ୧ ତାରିଖରେ ଗୋଟିଏ ପର୍ଯ୍ୟାୟରେ ହରିଆନା ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ । ଅକ୍ଟୋବର ୪ ତାରିଖରେ ଭୋଟ୍ ଗଣତି ହେବ ।

## ଲଦାଖ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଘୋଷଣା ପରେ ଜାନସ୍କରକୁ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ନୂତନ ଜିଲ୍ଲା ଘୋଷଣା କରାଯାଇଛି ।

ସୂଚନା ଯୋଗ୍ୟ ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା  ଜାନସ୍କର, ଦ୍ରାସ୍, ସାମ୍, ନୁବ୍ରା ଏବଂ ଚାଙ୍ଗ୍ଥାଙ୍ଗ୍‌କୁ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ନୂଆ ଜିଲ୍ଲା ଭାବେ ଘୋଷଣା କରିଥିଲେ । ଏହି ଐତିହାସିକ ଘୋଷଣା ପରିପ୍ରେକ୍ଷୀରେ ବିଜୟ ଉତ୍ସବ ପାଳନ ଉଦ୍ଦେଶ୍ୟରେ ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଞ୍ଚଳ ବିକାଶ ପରିଷଦ କାର୍ଗିଲ୍‌ର କାର୍ଯ୍ୟନିର୍ବାହୀ କାଉନ୍‌ସିଲ୍‌ର ପୁଞ୍ଚୋକ ତାସି ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଲଦାଖର ଉପରାଜ୍ୟପାଳ ବ୍ରିଗେଡିୟର୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମେଡିକାଲ୍ ସେନ୍‌ସର୍

ମସ୍ତିଷ୍କ ସ୍ନାୟୁ ଦୁର୍ବଳତା – ପାର୍କିନ୍‌ସନ୍ ରୋଗର ପରିଚାଳନା ପାଇଁ ଭାରତୀୟ ଡାକ୍ତରୀ ବୈଜ୍ଞାନିକମାନେ ଏକ ନୂତନ ସ୍ମାର୍ଟ୍ ସେନ୍‌ସର୍ ବିକଶିତ କରିଛନ୍ତି । ଏହି ରୋଗ ପାଇଁ ବ୍ୟବହୃତ ଔଷଧର ମାତ୍ରାକୁ ନିୟନ୍ତ୍ରିତ କରିବା ପାଇଁ ସ୍ମାର୍ଟ୍ ଫୋନ୍ ଆଧାରିତ ଏହି ସେନ୍‌ସର୍ ସୁଲଭ ଏବଂ ବ୍ୟବହାର ଅନୁକୂଳ ଅଟେ । ଏହି ସେନ୍‌ସର୍ ଶରୀରରେ ଏଲ୍-ଡୋପାର ସାନ୍ଦ୍ରତାକୁ ସଠିକ୍ ଭାବରେ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହା ରୋଗର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଔଷଧର ମାତ୍ରା

ନିର୍ଣ୍ଣୟ କରିବାରେ ସାହାଯ୍ୟ କରିବ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଷ୍ଟଡି ଇନ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କହିଛି ।

## ଆଏନ୍‌ଏସ୍-ମୁମ୍ବାଇ

ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ମୁମ୍ବାଇ ତିନି ଦିନିଆ ଗସ୍ତରେ ଗତକାଲି କଲମ୍ବୋରେ ପହଞ୍ଚିଛି । ଶ୍ରୀଲଙ୍କା ନୌସେନା ପକ୍ଷରୁ ଏହି ଭାରତୀୟ ଯୁଦ୍ଧ ଜାହାଜକୁ ସ୍ୱାଗତ କରାଯାଇଛି । ପଶ୍ଚିମ ନୌସେନା କ୍ଷେତ୍ରର କମାଣ୍ଡିଂ ଅଫିସର୍ ମୁଖ୍ୟାଳୟରେ ନୌସେନା କ୍ଷେତ୍ରର କମାଣ୍ଡର ରିୟର୍ ଆଡ୍‌ମିରାଲ୍ ଡବ୍ଲ୍ୟୁ.ଡି.ସି.ୟୁ. କୁମାର ସିଂଘେଙ୍କୁ ଭେଟିଥିଲେ । ଯୁଦ୍ଧ ପରିଚାଳନା ଅଭ୍ୟାସ ବିନିମୟ ଲକ୍ଷ୍ୟରେ ଶ୍ରୀଲଙ୍କା ନୌସେନାର କର୍ମଚାରୀମାନେ ଭାରତୀୟ ଯୁଦ୍ଧ ଜାହାଜର ପରିଦର୍ଶନ କରିଥିଲେ । ଏହି ରହଣୀ ସମୟରେ ଭାରତ ଶ୍ରୀଲଙ୍କା ବାୟୁସେନା ଦ୍ୱାରା ପରିଚାଳିତ ସାମୁଦ୍ରିକ ପାଟ୍ରୋଲିଂ ବିମାନ ପାଇଁ ଅତ୍ୟାବଶ୍ୟକୀୟ ସ୍ପେୟାର୍‌ପାର୍ଟସ୍ ବିତରଣ କରିବ । ଭାରତୀୟ ନୌସେନା ବୈଷୟିକ ସହାୟତା ଏବଂ ଯନ୍ତ୍ରାଂଶ ମାଧ୍ୟମରେ ଶ୍ରୀଲଙ୍କାର ଏହି ସାମୁଦ୍ରିକ ବିମାନର ରକ୍ଷଣାବେକ୍ଷଣରେ ସହାୟତା କରିଆସୁଛି । ଏହି ଗସ୍ତର ଅଂଶସ୍ୱରୂପ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ନୌସେନା ସହିତ ମିଳିତ ଭାବେ କ୍ରୀଡ଼ା

କାର୍ଯ୍ୟକ୍ରମ, ଯୋଗ ଅଧିବେଶନ ଏବଂ ବେଳାଭୂମି ସଫେଇ କାର୍ଯ୍ୟ ଆୟୋଜନ କରି ଆସନ୍ତା ଗୁରୁବାର ଭାରତ ପ୍ରତ୍ୟାବର୍ତ୍ତନ କରିବ ।